ODIA

# କୁକୁଡ଼ା ଚିଆଁର ସାଙ୍ଗ

ରାବେନ୍ଦ୍ର କୁମାର 'ରବି'

ଚିତ୍ର: କନକ ଶଶି




eklavya

# କୁକୁଡ଼ା ଚିଆଁର ସାଙ୍ଗ

ରାବେନ୍ଦ୍ର କୁମାର 'ରବି'
ଚିତ୍ର: କନକ ଶଶି

eklavya



# କୁକୁଡ଼ା ଚିଆଁର ସାଙ୍ଗ
**KOOKOODA CHINARA SANG**

Author: Ravendra Kumar ‘Ravi’
Illustrations: Kanak Shashi
Publication: Chetana Biswal, Bansi Sharma (Editorial support), Indu Nair, Khizar Mohammad, Kamlesh Yadav (Production)

Odia translation of *नन्हे चूज़े की दोस्त* published by Eklavya Foundation.

© Eklavya Foundation, Ravendrakumar ‘Ravi’, Kanak Shashi


First edition: September 2025 / 1000 copies
Paper: 100 GSM Maplitho (paper) and 220 GSM Paper Board (cover)
ISBN: 978-93-48176-90-5
Price: ₹ 40.00

Developed with financial support from Parag Initiative of the Tata Trusts.

Published by :
**EKLAVYA FOUNDATION**
Jamnalal Bajaj Parisar,
Jatkhedi, Bhopal 462 016 (MP)
Phone: +91 755 297 7770, 71,72
www.eklavya.in / books@eklavya.in

Printed at: Box Corrugators and Offset printers, Bhopal, phone: +91 755 258 7651

ଡଉଲ ଡାଉଲ ବିଲେଇଟିଏ ଥିଲା । ତା'ର ଆଖିଦୁଇଟି ଚମକୁଥିଲା ।
କଳା କଳା ଲାଞ୍ଜ ଥିଲା ତା'ର ଆଉ ଧଳା ଧଳା ନିଶ ।
ଦେଖିବାକୁ ସେ ବହୁତ କଉତୁକିଆ ଥିଲା ।



ବିଲେଇ ତ ସବୁଦିନ ଶିକାର କରିବାକୁ ଘରୁ ବାହାରିପଡ଼େ । ଛୋଟ ଚଢ଼େଇ, ଠେକୁଆ, ମୂଷା ଶିକାର କରିବାରେ ତା'ର ସଉକ ଥିଲା । ବେଳେବେଳେ ବେଙ୍ଗ ଓ ଗୁଣ୍ଡୁଚି ମୂଷା ବି ସେ ଖାଉଥିଲା ।



ଦିନେ ସକାଳେ ତୁଳାର ବିଣ୍ଡା ପରି ନରମ ନରମ ଗୋଟେ ଛୋଟ ଚିଆଁ କୁକୁଡ଼ା ଏକଲା ଖେଳୁଥିଲା । ସେ ତା'କୁ ଧରିବାପାଇଁ ଆଗକୁ ପାଦ ପକାଇଲା ଚୁପ୍ ଚୁପ୍ କରି । ସେ କୁକୁଡ଼ା ଛୁଆ ପାଖରେ ପହଞ୍ଚିଲା, ଚିଆଁଟି ଆଦୌ ଡରିଲା ନାହିଁ ।



ଚିଆଁଟି ପ୍ରଥମ କରି ବିଲେଇଟିଏ ଦେଖିଲା । ତା'କୁ ବିଲେଇଟି ଖୁବ୍ ଭଲ ଲାଗିଲା ।
ଚିଆଁଟି ଚିଁ ଚିଁ ଶବ୍ଦ କରି ବିଲେଇ ଚାରିପଟରେ ବୁଲିବାକୁ ଲାଗିଲା ।
କେତେବେଳେ ଚିଆଁଟି ବିଲେଇର ଲାଞ୍ଜ ଧରିବାକୁ ଚେଷ୍ଟା କରୁଥାଏ ତ, ଆଉ କେତେବେଳେ ତା'ନିଶକୁ ।



ବିଲେଇକୁ ବି ଏସବୁ ମଜା ଲାଗୁଥାଏ । ସେ ମ୍ୟାଉଁ
ମ୍ୟାଉଁ କରି ଚିଆଁ ସହ ଖେଳିବାକୁ ଲାଗିଲା ।



ବିଲେଇ ଓ ଚିଆଁ ଖେଳରେ ଖୁବ୍ ମାତିଗଲେ । ଏତିକିବେଳେ ଚିଆଁର ମାଆ ଆସିଲା ।
ବିଲେଇ ସହ ନିଜ ଛୁଆକୁ ଖେଳିବାର ଦେଖି ମାଆ କୁକୁଡ଼ା ଡରିଗଲା ।



ମାଆ କୁକୁଡ଼ାଟି ଭାବିଥିଲା ଯେ ବିଲେଇ ତ ତା'ଚିଆଁ ଛୁଆକୁ ଖାଇଦେବ । ତେଣୁ ଡରିଯାଇ ସେ କାନ୍ଦିବାକୁ ଲାଗିଲା ।

ବିଲେଇ ଭାବିଲା ଯେ, ସେ କୁକୁଡ଼ାକୁ ବୁଝାଇବା ଦରକାର ଯେ ଏପରି କିଛି ହେବନାହିଁ ।

ବିଲେଇ ମାଆ କୁକୁଡ଼ା ଆଡ଼କୁ ଚାଲିଲା ।

ଚିଆଁ ଡେଇଁପଡ଼ି ବିଲେଇ ପିଠିରେ ବସିଗଲା । ଏବେ ତ ମାଆ କୁକୁଡ଼ା ଆହୁରି ଡରିଗଲା ।



ବିଲେଇ କୁକୁଡ଼ାକୁ କହିଲା, "ନା, ନା, ଡରନାହିଁ । ଆଦୌ ଡରନାହିଁ । ମୁଁ ତୁମ ଚିଆଁକୁ ଖାଇବି ନାହିଁ । ଚିଆଁ ତ ବଡ଼ ଗେହ୍ଲା ହୋଇଛି । ମୁଁ ବି ଏହାକୁ ଭଲପାଇ ବସିଲିଣି ।"

ଚିଆଁ ବିଲେଇ ପିଠିରୁ କୂଦାମାରି ତା'ମାଆ ପାଖରେ ପହଞ୍ଚିଗଲା । ମାଆ କୁକୁଡ଼ାର ଛାତିରେ ଜୀବନ ପଶିଲା । ମାଆ କୁକୁଡ଼ା ତା'ଚିଆଁ ଛୁଆକୁ ମନଭରି ଗେହ୍ଲାକଲା ।



ବିଲେଇ ଏବେବି ସେଠାରେ ଥିଲା । ଚିଆଁ ପୁଣି ବିଲେଇ ପାଖକୁ ଦୌଡ଼ିଗଲା ଏବଂ କହିଲା,
"ଆଜିଠାରୁ ତୁମେ ମୋ ସାଙ୍ଗ ହୋଇଗଲ ଆଉ ମୁଁ ବି ତୁମର ସାଙ୍ଗ ହୋଇଗଲି ।"



ବିଲେଇକୁ ବହୁତ ଭଲ ଲାଗିଲା । ତା'ପରେ
ଧିରେଧିରେ ସମସ୍ତେ ତା'ର ସାଙ୍ଗ ହୋଇଗଲେ ।



କୁକୁଡ଼ା ଚିଆଁ ଶିକାରୀ ବିଲେଇର ସାଙ୍ଗ
ହୋଇଗଲା! କେମିତି?
ଏହି ମଜାଳିଆ ବହିରେ ପଢ଼ ଓ ଜାଣ ।

ମୂଲ୍ୟ: ₹ 40.00

parag
AN INITIATIVE OF TATA TRUSTS

eklavya

9 789348 176905